## ହେଲପରଙ୍କ ଗୋଡ଼ରେ ଚଢ଼ିଗଲା ବସ୍

**ବାଲେଶ୍ୱର ଅଫିସ:** ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ଆଖଣ୍ଡଳମଣି ଅଭିମୁଖେ ଯାଉଥିବା ଏକ ବସ୍ ଚକ ହେଲ୍‌ପରଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ଫଳରେ ହେଲପରଙ୍କ ଦୁଇଗୋଡ଼ରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏକ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବସ୍‌ଷ୍ଟାଣ୍ଡରେ ବସ୍‌କୁ ସାଇଡ଼ କରୁଥିବା ବେଳେ କୌଣସି କାରଣରୁ ହେଲ୍‌ପର ଜଣକ ବସ୍ ଆଗ ଚକା ତଳେ ପଡ଼ି ଯାଇଥିଲେ।

### ସଂକ୍ଷେପରେ

## ଘର ଭିତରୁ ମିଳିଲା ମହିଳାଙ୍କ ମୃତଦେହ

**ପାଟଣା,୨୧।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ଶଙ୍ଖୁଆ ପଞ୍ଚାୟତ ଶବରଣୀବେ ଗ୍ରାମର ଚମ୍ପାବତୀ ବାରିକ ଶନିବାର ବିଳମ୍ବିତ ରାତିରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ସାହାରପଡା ଫାଣ୍ଡି ଅଧିକାରୀ ଶିବପ୍ରଶାଦ ଆଇଚ ପହଞ୍ଚି ମୃତଦେହକୁ ଜବତ କରି ରବିବାର ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୧) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏହାକୁ ନେଇ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

## 'ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା'

**ବାରିପଦା ଅଫିସ,୨୧।୩:** ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ୟୁଥ୍ ଆଣ୍ଡ୍ ଇକୋ କ୍ଲବ ପକ୍ଷରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। 'ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା' ବିଷୟବସ୍ତୁ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ଶ୍ରୁତିଶ୍ରୀ ସିଂ ପ୍ରଥମ, ଅର୍ଚ୍ଚନା ସିଂ ଦ୍ୱିତୀୟ ଓ ବିଷ୍ଣୁପ୍ରିୟା ସିଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଇକୋ କ୍ଲବର ଶିକ୍ଷକ ଅମିତାଭ ମିଶ୍ର, ଅମୂଲ୍ୟ କୁମ୍ଭକାର, ବୁଦ୍ଧିରାମ ସିଂ, ଶିକ୍ଷୟିତ୍ରୀ ସୋନାଲି ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। କୋଭିଡ୍ ନିୟମ ପାଳନ ପୂର୍ବକ ନିରାଡ଼ମ୍ବରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିବାଦୀୟ ଜମିରେ ଗୃହ ନିର୍ମାଣ ଅଭିଯୋଗ

**ବନ୍ତ,୨୧।୩(ସ୍ୱ.ପ୍ର.)):** ଭଦ୍ରକ ଜିଲା ବନ୍ତ ତହସିଲ ଆଗରପଡ଼ା ଥାନା ଅଧୀନ ବିସଲକଣା ମୌଜାର ଏକ ବିବାଦୀୟ ଜମିରେ ଗୃହ ନିର୍ମାଣ ନେଇ ଥାନାରେ ଅଭିଯୋଗ ହୋଇଛି। ଭଦ୍ରକ କୋର୍ଟରେ ମାମଲା ବିଚାରାଧୀନ ରହିଥିବା ବେଳେ ସେହି ସ୍ଥାନରେ ଗୃହ ନିର୍ମାଣକୁ ବିରୋଧ କରି ନାରାୟଣ ଚନ୍ଦ୍ର ମହାନ୍ତି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଗତ ଅକ୍ଟୋବର ୨୨ରେ ସ୍ଥଗିତାଦେଶ ଜାରି କରିଛନ୍ତି। ଗୃହ ନିର୍ମାଣ କରୁଥିବା ପକ୍ଷ କାମ ଚାଲୁ ରଖିବା ପାଇଁ ହାଇକୋର୍ଟରେ ସିଏମ୍‌ପି ନଂ. ୬୮୬/୨୦ ଅପିଲ୍ କରିଥିଲେ। ହାଇକୋର୍ଟ ଗତ ଫେବୃୟାରୀ ୪ରେ ଭଦ୍ରକ କୋର୍ଟଙ୍କ ନିର୍ଦ୍ଦେଶକୁ କାଏମ ରଖିଛନ୍ତି। କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ଅପରପକ୍ଷ ଗୃହ ନିର୍ମାଣ ଜାରି ରଖିଥିବା ନାରାୟଣ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ଉଭୟ ପକ୍ଷକୁ ଥାନାକୁ ଡକାଇ ଷ୍ଟାଟସ-କୋ ମାନିବାକୁ ପରାମର୍ଶ ଦେଇଥିବା ଆଗରପଡ଼ା ଥାନାଧିକାରୀ ସୁକାନ୍ତି କେରେଇ କହିଛନ୍ତି।

## ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହେଲେ ଅତିରିକ୍ତ ତହସିଲଦାର

**ଭଣ୍ଡାରିପୋଖରୀ,୨୧।୩(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ସ୍ୱାଇଁଙ୍କୁ ଶନିବାର ଭଦ୍ରକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ତହସିଲରେ ବିଭିନ୍ନ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ନେଇ ମୋ ସରକାର ପୋର୍ଟାଲରେ ଅଭିଯୋଗ ପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ ଏହି ପଦକ୍ଷେପ ନେଇଥିବା ସୂଚନା ଦିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ପିତାମ୍ବର ସାମଲ ଭଣ୍ଡାରିପୋଖରୀ ତହସିଲକୁ ଯାଇ ଅତିରିକ୍ତ ତହସିଲଦାର ସ୍ୱାଇଁଙ୍କୁ ରିଲିଭ କରି ନେଇଥିଲେ। ଅଭିଯୋଗ ଉପରେ ତଦନ୍ତ ଜାରି ରହିଥିବା କୁହାଯାଇଛି।

## ବିଶ୍ୱ ବନ ଦିବସ

**ଆରଡ଼ି, ୨୧।୩(ଡି.ଏନ.ଏ.):** ଭଦ୍ରକ ଜିଲା ଧୂଷୁରୀ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅଶୋକ କୁମାର ଦାଶ, ଅଭୟ କୁମାର ବେହେରା, ଶିକ୍ଷୟିତ୍ରୀ ସୌମ୍ୟା ସୁଚରିତା ପ୍ରଧାନ, ସ୍ୱର୍ଣ୍ଣଲତା ବେହେରା, ଯୁଗସ୍ୱପ୍ନା ପ୍ରିୟଦର୍ଶିନୀ, ଅଳକା ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ମା' ବାଟମଙ୍ଗଳାଙ୍କ ଚଇତି ପର୍ବ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୨୧।୩

ଯାହାଙ୍କ ଆଶୀର୍ବାଦରୁ ଶତ୍ରୁ ବି ମିତ୍ର ପାଲଟିଯାଏ, ଏପରିକି ଦୁଃଖ, ରୋଗ ପାଖ ମାଡେନି ସେ ହେଉଛନ୍ତି ମା' ବାଟ ମଙ୍ଗଳା। ଏଭଳି ଦୃଢ ବିଶ୍ୱାସ ରଖି ମହିଳାମାନେ ମା' ବାଟମଙ୍ଗଳାଙ୍କୁ ପୂଜା କରିଆସୁଛନ୍ତି। ବାଲେଶ୍ୱର ସହର ମଧ୍ୟସ୍ଥଳୀ ପଡୁଆଁପଦା ଅଞ୍ଚଳରେ ମହିଳାମାନେ ୭ଜଣ ମା' (ବାଟମଙ୍ଗଳା, ଧନିତ୍ରୀମଙ୍ଗଳା, ବାଶୁଳୀ, ଚଣ୍ଡୀ, ପଡୁଆଁ ଚଣ୍ଡୀ, ଶୂନ୍ୟ ମଙ୍ଗଳା, ଅନ୍ଧାରି ମଙ୍ଗଳା)ଙ୍କୁ ଦାଣ୍ଡରେ ଥିବା ମଣ୍ଡପରେ ସ୍ଥାପିତ କରିଥାନ୍ତି। ବର୍ଷସାରା ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଚୈତ୍ର ମାସ ସଂକ୍ରାନ୍ତିରୁ ବିଶାଖ ମାସ ପଣାସଂକ୍ରାନ୍ତିରେ ପାଳିତ ହେଉଛି ମା' ବାଟମଙ୍ଗଳାଙ୍କ ବଡ଼ପୂଜା ଚଇତି ପର୍ବ। ପଣା ସଂକ୍ରାନ୍ତିରେ ବଡ଼ପୂଜା ଉଦ୍‌ଯାପିତ ହେବ। ଏହି ଦିବସରେ ଭକ୍ତମାନେ ମା'ଙ୍କର ପ୍ରିୟ ଖିରୀ, ପଞ୍ଚାମୃତ ଓ ପଣା ଭୋଗ ଲଗାଇଥାନ୍ତି। ଏହି ମାସକ ମଧ୍ୟରେ ପ୍ରତି ମଙ୍ଗଳବାର ଓ ଶନିବାର ମା'ଙ୍କ ନିକଟରେ କୁଡ଼ି ଚାଉଳ ଦେଇ ପୂଜା କରାଯାଇଥାଏ। ମା'ଙ୍କ ନିର୍ଦ୍ଦେଶ ଅନୁସାରେ କେତେକ ସ୍ଥାନରେ ବାଟମଙ୍ଗଳା ପୂଜା ସହ ଉତ୍ସବ ଦିନ ଦାସୀ ପଡ଼ିବା ଏବଂ ମୁଦା ବାଛିବା ପରି କାର୍ଯ୍ୟକ୍ରମ ହୋଇଥାଏ।

ପୂଜକ ପ୍ରମିଳା ଜେନାଙ୍କ କହିବାନୁସାରେ, ଦୀର୍ଘଦିନରୁ ସେ ମା'ଙ୍କ ଆଶ୍ରିତ। ଗତବର୍ଷ ବଡ଼ପୂଜାରେ ମା'ଙ୍କ ଦ୍ୱାରା ପ୍ରେରିତ ଦାସୀ ତାଙ୍କୁ ପୂଜା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନ ଫୁଲ, ଯଥାସମ୍ଭବ ଫଳ ଏପରିକି ମଙ୍ଗଳବାର ଓ ଶନିବାର ମା'ଙ୍କର ପ୍ରିୟ ଭୋଗ ଦ୍ୱାରା ପୂଜା ସମାପନ କରିଥାନ୍ତି। କିନ୍ତୁ ଚୈତ୍ର ମାସରେ ସ୍ୱତନ୍ତ୍ର ପୂଜା ହୁଏ। ମାସକ ଭିତରେ ମଙ୍ଗଳବାର ଓ ଶନିବାର କୁଡ଼ିଚାଉଳ ଓ ଖିରୀ ଭୋଗରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଏ। ବୈଶାଖ ମାସ ପଣା ସଂକ୍ରାନ୍ତିରେ ଉତ୍ସବ ମାଧ୍ୟମରେ ପୂଜାକୁ ଶେଷ କରାଯାଏ। ଧନୀ, ଗରିବ ସହ ଆବାଳ ବୃଦ୍ଧବନିତା ମା'ଙ୍କଠାରେ ସମର୍ପିତ ହୋଇଥାନ୍ତି। ମା'ଙ୍କ ଆଶୀର୍ବାଦରୁ ମହାମାରୀ କରୋନା ଏହି ଗାଁକୁ ଛୁଇଁପାରିନି ବୋଲି ବିଶ୍ୱାସ ରହିଛି। କରୋନା ସମୟରେ ସରକାରଙ୍କ ନିର୍ଦ୍ଦେଶକୁ ମାନିବା ସହ ପ୍ରତି ସନ୍ଧ୍ୟାରେ ଅଞ୍ଚଳରେ ଥିବା ୫୦ରୁ ଉର୍ଦ୍ଧ୍ୱ ପରିବାରର ମହିଳାମାନେ ମା'ଙ୍କଠାରେ ଦୀପ ଜାଳି ସମର୍ପିତ ହୋଇଥିଲୁ। ଏପରିକି ପରିବାର ଲୋକମାନେ ବାହାରେ ଥିଲେ ମଧ୍ୟ ଘରକୁ ଫେରି କରୋନା ପରୀକ୍ଷା କରାଇଥିଲେ।


ପୂଜକ ପ୍ରମିଳାଙ୍କ ଦ୍ୱାରା ମା' ବାଟମଙ୍ଗଳାଙ୍କ ପୂଜାର୍ଚ୍ଚନା ।

### ଆଶୀର୍ବାଦରୁ ଶତ୍ରୁ ବି ପାଲଟେ ମିତ୍ର

ସେମାନଙ୍କର ରିପୋର୍ଟ ନେଗେଟିଭ୍ ଆସିଥିଲା। ମା'ଙ୍କ ଦୟାରୁ ଗ୍ରାମର କାହାରିକୁ ଟିକେ ଥଣ୍ଡା କି ଜ୍ୱର ହୋଇନାହିଁ। ମା'ଙ୍କ ଆଶିଷରେ ଝିଅ, ପୁଅଙ୍କର ବାହାଘର ବି ସ୍ଥିର ହୁଏ ବୋଲି ସେ କହିଛନ୍ତି। ଅବନ୍ତୀ ଜେନା କୁହନ୍ତି, ସଙ୍କଟରେ ପଡ଼ିଥିବା ବେଳେ ମା'ଙ୍କ ଆଶ୍ରିତ ହୋଇଥିଲେ। ଗ୍ରାମବାସୀ ଆମ ପରିବାରକୁ ଏକଘରିଆ କରିଥିବା ବେଳେ ଆଜି ତାହା ସମ୍ପୂର୍ଣ୍ଣ ଦୂରେଇଯାଇଛି। ମା'ଙ୍କ ଆଶୀର୍ବାଦରୁ ଶତ୍ରୁ ମିତ୍ର ହୋଇଥିବାର ସେ ପ୍ରକାଶ କରିଛନ୍ତି। ସୁଶାନ୍ତ କୁମାର ମହାନ୍ତି କହନ୍ତି, ଛୋଟ ବେଳରୁ ମା'ଙ୍କ ନିକଟରେ ପୂଜା ହେଉଥିବା ଦେଖିଆସୁଛୁ। ଚୈତ୍ର ମାସ ଆସିଲେ ଗାଁ ଉତ୍ସବ ମୁଖରିତ ହୁଏ। ଆବାଳ ବୃଦ୍ଧବନିତା ମିଳିତ ଭାବେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥାନ୍ତି। ଯିବାଆସିବାରେ ମା'ଙ୍କ ଶରଣାପନ୍ନ ହୋଇଗଲେ ପ୍ରତିଦିନର କାର୍ଯ୍ୟ ସମାପନ ହୋଇଥାଏ। ଏପରିକି ଗାଁର ଲୋକମାନେ ସରକାରୀ, ବେସରକାରୀ କାର୍ଯ୍ୟ ସହ ବ୍ୟବସାୟରେ ବାହାରିଲେ ମଧ୍ୟ ମା'ଙ୍କ ଆଶୀର୍ବାଦ ନେଇ ଥାଆନ୍ତି।

# କେନ୍ଦୁଝର ଟ୍ରକ୍‌କୁ ଅଣଦେଖା

ଚମ୍ପୁଆ, ୨୧।୩(ଡି.ଏନ.ଏ.)

ପାରାଦୀପଠାରେ କେନ୍ଦୁଝର ଜିଲା ଟ୍ରକ୍‌ଗୁଡିକ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏହାକୁ ନେଇ ଚମ୍ପୁଆଠାରେ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ଦ୍ୱାରା ଅନୁଷ୍ଠିତ ବୈଠକରେ କେନ୍ଦୁଝର ଟ୍ରକ୍ ମାଲିକ ସଂଘ, ଯୋଡା ମାଲିକ ସଂଘ, ବଡବିଲ ମାଲିକ ସଂଘ, କୋଇଡା ମାଲିକ ସଂଘ ଏକାଠି ହୋଇଥିବା ଦେଖିବାକୁ ମିଳିଛି। ପାରାଦୀପଠାରେ କେନ୍ଦୁଝର ଜିଲାର ଟ୍ରକ୍‌କୁ ଓଭରଟେକ, ଡ୍ରାଇଭରଙ୍କୁ ଆକ୍ରମଣ, ଡିଜେଲ ଚୋରି ଓ ୧୦ରୁ ୧୨ଦିନ ଧରି ଗାଡ଼ିକୁ ଧରି ଛିଡା ହୋଇ ରହୁଥିବା ବେଳେ ପାରାଦୀପ ଅଞ୍ଚଳର ଟ୍ରକ୍‌ଗୁଡିକ ପାଇଁ କୌଣସି ଆଇନ ନ ଥିବା ମାଲିକମାନେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଟ୍ରକ୍ ମାଲିକ ସଂଘ ଗତ ୩ଦିନ ପୂର୍ବରୁ କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା

### ଏକଜୁଟ ହେଲେ ଜିଲାର ୫ ଟ୍ରକ୍ ମାଲିକ ସଂଘ

ଦେଇଥିଲେ। ଅନୁଷ୍ଠିତ ବୈଠକ ପରେ ଏକ ଖବରଦାତା ସମ୍ମିଳନୀ କରି କର୍ମକର୍ତ୍ତାଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ପାରାଦୀପ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଜିଲା ତଥା କୋଇଡା ଅଞ୍ଚଳରେ ପାରାଦୀପ ଅଞ୍ଚଳର କୌଣସି ଟ୍ରକ୍‌କୁ ଲୋଡିଂ ଦିଆଯିବନି ବୋଲି ସୂଚନା ଦେଇଛନ୍ତି। ଏହି ବୈଠକରେ କେନ୍ଦୁଝର ଟ୍ରକ୍ ମାଲିକ ସଂଘ ସଭାପତି ରମାକାନ୍ତ ନାଏକ, ସମ୍ପାଦକ ସୂର୍ଯ୍ୟନାରାୟଣ କର, ଯୋଡ଼ା ମାଲିକ ସଂଘ ସଭାପତି ମାତା ପ୍ରସାଦ ଜୟସ୍ୱାଲ, ସମ୍ପାଦକ ସୁଶାନ୍ତ ବାରିକ, ଆଞ୍ଚଳିକ ସଂଘ ସଭାପତି ମନୋଜ କୁମାର ମହାନ୍ତ, ସମ୍ପାଦକ ରାଜେନ୍ଦ୍ର କୁମାର ବାରିକ, ବଡବିଲ ମାଲିକ ସଂଘ ଉପସଭାପତି ଦିଲୁ ବାବୁଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଓ ମାଲିକ ଯୋଗଦେଇଥିଲେ।

# ନେତୃତ୍ୱ ନେବାକୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଆହ୍ୱାନ



ଧନ୍ୟବାଦ ଉତ୍ସବରେ ମଞ୍ଚାସୀନ ନେତୃବର୍ଗ।

ବାଲେଶ୍ୱର ଅଫିସ,୨୧।୩

ବାଲେଶ୍ୱର ସହରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ରବିବାର ଜିଲା ବିଜେଡି ପକ୍ଷରୁ ଧନ୍ୟବାଦ ଉତ୍ସବ ଆୟୋଜନ କରାଯାଇଥିଲା। ବାଲେଶ୍ୱର ନିର୍ବାଚନମଣ୍ଡଳୀ ଉପନିର୍ବାଚନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟରମାନେ ବିପୁଳ ଭୋଟ୍ ଦେଇ ବିଜେଡି ପ୍ରାର୍ଥୀଙ୍କୁ ନିର୍ବାଚିତ କରିଥିବାରୁ ଏହି ଉତ୍ସବ ପାଳନ କରାଯାଇଥିଲା। ନବ ନିର୍ବାଚିତ ବିଧାୟକ ସ୍ୱରୂପ କୁମାର ଦାସଙ୍କ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ତଥା ପଞ୍ଚାୟତିରାଜ, ପାନୀୟଜଳ ଯୋଗାଣ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କର ଉନ୍ନତି ପାଇଁ କରାଯାଇଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ସଂଖ୍ୟାଲଘୁମାନଙ୍କୁ ସ୍ୱାବଲମ୍ବୀ ଓ ନେତୃତ୍ୱ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକୁ ସେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସମସ୍ତଙ୍କୁ ଧନ୍ୟବାଦ ଦେଇ ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀ ସଂଖ୍ୟାଲଘୁ ସମ୍ପ୍ରଦାୟର ସମୂହ ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧ ବୋଲି ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ଅରୁଣ ଦେ, ସମାଜସେବୀ ସୁବାସିନୀ ଜେନା, ଜିଲା ବିଜେଡି ଉପସଭାପତି ଭୁବନାନନ୍ଦ ଦାସ, ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ, ଟାଉନ ବିଜେଡି ସଭାପତି ସନତ ଦାସ, ସଦର ବ୍ଲକ ସଭାପତି ବସନ୍ତ କୁମାର ପଣ୍ଡା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲା ଯୁବ ସଭାପତି ତାପସ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗ ଚିହ୍ନଟୀକରଣ ଉପରେ ଗୁରୁତ୍ୱ

ଭଦ୍ରକ ଅଫିସ, ୨୧।୩

ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର ପରିସରରେ ରବିବାର ବିଶ୍ୱ ଡାଉନ ସିଣ୍ଡ୍ରମ ଦିବସ ପାଳନ କରାଯାଇଛି। ପୂର୍ବତନ ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ ଭବିଷ୍ୟତରେ କିପରି ଅଧିକରୁ ଅଧିକ ଦିବ୍ୟାଙ୍ଗଙ୍କୁ ଚିହ୍ନଟୀକରଣ କରିବା ସହ ସେବା ପ୍ରଦାନ ଦ୍ୱାରା ସମାଜରେ ମୁଖ୍ୟସ୍ରୋତରେ ସାମିଲ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଭଗବାନ ପରିଡ଼ା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ୨ୟ ପର୍ଯ୍ୟାୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ଦିବ୍ୟାଙ୍ଗର କାରଣ, ନିରାକରଣ, ପ୍ରାଥମିକ ଚିହ୍ନଟୀକରଣ ଏବଂ ସେମାନଙ୍କ ଥଇଥାନ ଉପରେ କୁହାଯାଇଥିଲା। ପ୍ରକଳ୍ପ ସଂଯୋଜକ ପ୍ରମୋଦ ନାୟକ ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରୀ ସ୍ତରରେ ସୁବିଧା ସୁଯୋଗ ଉପରେ କହିଥିଲେ। ଶତାଧିକ ଦିବ୍ୟାଙ୍ଗଙ୍କ ଅଭିଭାବକ, ସ୍ୱତନ୍ତ୍ର ଶିକ୍ଷକ, କେୟାର ଗିଭର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଷ୍ଣୁପ୍ରିୟା ମହାନ୍ତି, ଅବିନାଶ ସାହୁ, ପ୍ରିୟଦର୍ଶିନୀ ପାଇକରାୟ, ସୁଚିସ୍ମିତା ବାରିକ ପ୍ରମୁଖ ବିଶେଷଜ୍ଞମାନେ ଏହା ଉପରେ ବିଶଦ ଆଲୋଚନା କରିଥିଲେ। ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏସ୍‌ଏସ୍ ଜାତୀୟ ଶିବିରରେ ମୟୂରଭଞ୍ଜରୁ ୧୦

ବାରିପଦା ଅଫିସ, ୨୧।୩

ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ଅଗରତାଲାରେ ହେବାକୁ ଥିବା ଜାତୀୟ ସଂହତି ପ୍ରଶିକ୍ଷଣ ଶିବିରରେ ମୟୂରଭଞ୍ଜ ଜିଲାରୁ ୧୦ଜଣ ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ହରମୋହନ ମହାନ୍ତ ଯୋଗଦେବେ। ୧୦ ସ୍ୱେଚ୍ଛାସେବୀ ତାଲିକାରେ ନମିତା ସେନାପତି, ପ୍ରିୟଙ୍କା ମହାନ୍ତି, ଈପ୍‌ସିତା ଘୋଷ, ହରିପ୍ରିୟା ପୁଷ୍ଟି, ଆକାଂକ୍ଷା ମହାପାତ୍ର, ଅମନ ଦୀପ, ଦେବକାନ୍ତ ଧଳ, ରାଜୁ ଚାପେୟାର, ଦୀପରାଜ ସାହୁ ଓ ସୁଧାଂଶୁ ସି ରହିଥିବା କାର୍ଯ୍ୟକ୍ରମ ସଂଯୋଜକ ଡ. ଶୁଭେନ୍ଦୁ ଦାସ ଜଣାଇଛନ୍ତି। କେବଳ ମୟୂରଭଞ୍ଜରୁ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇଥିବା ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ସରିତା ପଟେଲ କହିଛନ୍ତି। ସ୍ୱେଚ୍ଛାସେବୀମାନଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି କିଶୋର ବସା କ୍ୟାମ୍ପ ନିମନ୍ତେ ପୋଷାକ ପ୍ରଦାନ କରିବା ସହ ଓଡ଼ିଶାର ନାମକୁ ଉଚ୍ଚରେ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଶଶିପ୍ରଭା ବିନ୍ଧାଣି ସଫଳତା କାମନା କରିଛନ୍ତି।

# ୧୯୭୧ ବ୍ୟାଚ୍‌ର ବନ୍ଧୁମିଳନ


କାର୍ଯ୍ୟକ୍ରମରେ ନିଜର ସ୍ମୃତି ସମ୍ପର୍କରେ କହୁଛନ୍ତି ପୁରାତନ ଛାତ୍ର।

ବନ୍ତ,୨୧।୩(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ସେଣ୍ଟତୀରାସ୍ଥିତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠର ୧୯୭୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟତୀରା ମଧ୍ୟଇଂରାଜୀ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ରାଉତ ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଦାମୋଦର ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ୟାଙ୍କର ଭ୍ରମରବର ବିଶ୍ୱାଳ, ପୂର୍ବତନ ଜିଲା ଶିକ୍ଷାଧିକାରୀ ପଦ୍ମଲୋଚନ ଦାସ, ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ସାହୁ, ପିତାମ୍ବର ପହି, ଜଗନ୍ନାଥ ନନ୍ଦ, ଗଣେଶ ପ୍ରସାଦ କରଶର୍ମା, ଅନାମ ଚରଣ ପହି ଓ ଗୋବିନ୍ଦ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ର ସରୋଜିନୀ ପହି, ସାବିତ୍ରୀ ବିଶ୍ୱାଳ, ଶ୍ରୀକାନ୍ତ ସାମଲ, ରବୀନ୍ଦ୍ରନାଥ ଜେନା, ପିତାମ୍ବର ରାଉତ, ରଘୁନାଥ ଭୂୟାଁ, ଗୋପାଳ ଚନ୍ଦ୍ର ସେନାପତି, ଗଙ୍ଗାଧର ସେନାପତି, ସନ୍ତୋଷ ଜେନାଙ୍କ ସମେତ ଶିକ୍ଷୟିତ୍ରୀ ପଦ୍ମାବତୀ ଧଳ, ସବିତା ସାହୁ, ବବିଲତା ପ୍ରଧାନ, ସ୍ଥିତପ୍ରଜ୍ଞା ସେଠୀ, ଭାରତୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ଦାନ୍ତ ରୋଗ ସଚେତନତା

ବାରିପଦା ଅଫିସ,୨୧।୩

ମୟୂରଭଞ୍ଜ ଜିଲା ବୀରେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଦାନ୍ତ ରୋଗ ଏବଂ ନିରାକରଣ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ରୋଟାରୀ କ୍ଲବ ବାରିପଦା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସରପଞ୍ଚ ରଜନୀକାନ୍ତ ନାଏକ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କାସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲବର ସଭାପତି ଦେବାଶିଷ ଦାସ ଓ ସମ୍ପାଦକ ପ୍ରଦୀପ ନାଏକ ବିଭିନ୍ନ ସାମାଜିକ ଓ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡା. ଚନ୍ଦ୍ରମୋହନ ସିଂ ୬୮ ଛାତ୍ରୀଛାତ୍ରଙ୍କ ଦାନ୍ତ ପରୀକ୍ଷା କରି ଏହାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ନନ୍ଦିନୀ ଚୌଧୁରୀ, ଅନିରୁଦ୍ଧ ପୃଷ୍ଟି, ପ୍ରଦୋଷ ପତି, ଶୈବାଳ କୁମାର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନିବେଦିତା ନାଏକ, ତନୁଜା ବେହେରା, ସ୍ମିତା ପାଧିରିଆ ଏବଂ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ବନ ସୁରକ୍ଷା ପାଇଁ ଧାରଣାରେ ବସିଲେ ନରୋତ୍ତମ

ଉଦଳା, ୨୧।୩ (ଡି.ଏନ.ଏ.)

ବିଶ୍ୱ ବନ ଦିବସ ଅବସରରେ ରବିବାର ଉଦଳା ବ୍ଲକ ଅଧୀନରେ ଥିବା ନାବରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ପରିବେଶବିତ୍ ନରୋତ୍ତମ ଦାସ ଉଦଳା ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ନାବରା ଗ୍ରାମ ଜଙ୍ଗଲ ସୁରକ୍ଷା, ପୁନରୁଦ୍ଧାର, ଡି ରିଜର୍ଭ ପ୍ରତ୍ୟାହାର ଏବଂ ଗ୍ରାମ ଜଙ୍ଗଲକୁ ସଂରକ୍ଷଣ ସମିତିର ମାନ୍ୟତା ଦାବି ନେଇ ଧାରଣାରେ ବସିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ନରୋତ୍ତମ ଦୀର୍ଘ ବର୍ଷ ଧରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରି ଆସୁଛନ୍ତି। ତାଛଡା ଶିମିଳିପାଳ ଜୈବମଣ୍ଡଳ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ମଧ୍ୟ ସରକାରୀ ବେସରକାରୀ ସ୍ତରରେ ବେଶ୍ ପ୍ରଶଂସିତ ହୋଇଛନ୍ତି । ହେଲେ ନାବରା ଗ୍ରାମ ଜଙ୍ଗଲକୁ ସୁରକ୍ଷା ଦେବାରେ ଜଙ୍ଗଲ ବିଭାଗର ଟାଳଟୁଳ ନୀତିକୁ ସେ ବିରୋଧ କରି ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଜିଲା ପ୍ରଶାସନ ଏହି ଦାବି ଗୁଡ଼ିକୁ ପୂରଣ ନ କରିଲେ ଆଗାମୀ ଦିନରେ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।


ଧାରଣାରେ ପରିବେଶବିତ୍ ନରୋତ୍ତମ ଦାସଙ୍କ ସହ ଅନ୍ୟମାନେ।

# ଭିଟାମାଟି ସୁରକ୍ଷା ସଂକଳ୍ପ ସମାବେଶ

ବାଲିଆପାଳ, ୨୧।୩(ସ୍ୱ.)

ଐତିହାସିକ ବିଜୟୀ କ୍ଷେପଣାସ୍ତ୍ର ଘାଟି ବିରୋଧୀ ଜନଆନ୍ଦୋଳନର ୩୫ବର୍ଷ ପୂର୍ତ୍ତି ଉପଲକ୍ଷେ ଏବଂ ବିଜୁବାବୁଙ୍କ ୧୦୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ବାଲିଆପାଳ ବ୍ଲକ ଡଗରା ଡାକବଙ୍ଗଳାରେ 'ଉପକୂଳ ଭିଟାମାଟି ସୁରକ୍ଷା କମିଟି' ପକ୍ଷରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ସଭାପତି ସୁବାସ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଆବାହକ ଅରୁଣ ଜେନାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ ଚଉମୁଖଠାରୁ ଚାଉଳତି ଯାଏ ବା କଙ୍କଡ଼ାପାଳ ଠାରୁ ହଂସକରା ପର୍ଯ୍ୟନ୍ତ ୬ ଗୋଟି ଗ୍ରାମପଞ୍ଚାୟତର ୬୦ହଜାର ଲୋକଙ୍କୁ ବିସ୍ଥାପିତ କରି ବନ୍ଦର ଓ ପେଟ୍ରୋକେମିକାଲ୍ସ ପ୍ରକଳ୍ପ କରିବା ଆଦୌ ସମୀଚୀନ ନୁହେଁ। ବିଜୁବାବୁ ଏ ମାଟିକୁ କ୍ଷେପଣାସ୍ତ୍ର ଘାଟି କବଳରୁ ରକ୍ଷା କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ସବୁଜିମା ଜନାକୀର୍ଣ୍ଣ ଅଞ୍ଚଳକୁ ବନ୍ଦର ଓ ଶିଳ୍ପାୟନ ହାତକୁ ଟେକିଦେଉଛନ୍ତି ବୋଲି କହିଥିଲେ। ଆସନ୍ତା ଏପ୍ରିଲ୍ ୬ ତାରିଖରେ 'ଉପକୂଳ ଭିଟାମାଟି ସୁରକ୍ଷା କମିଟି' ପକ୍ଷରୁ 'ଭିଟାମାଟି ବଞ୍ଚାଅ' ଦାବିରେ ତହସିଲ ଘେରାଉ କରାଯାଇ ବାଲିଆପାଳ ତହସିଲଦାରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ। ଏହି ଆନ୍ଦୋଳନକୁ ସଫଳ କରିବା ଲାଗି ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଅନୁଜ ମହାପାତ୍ର, ମୃତ୍ୟୁଞ୍ଜୟ ରାଉତ, କୁଶଧ୍ୱଜ ଜେନା, ରମଣୀକାନ୍ତ ମଣ୍ଡଳ, ଅଚ୍ୟୁତ ବେହେରା, ଅରୁଣ ପ୍ରଧାନ, ତୀର୍ଥ ନାଗ, ବାଇନ ଦଳେଇ, ରବୀନ୍ଦ୍ର ଜେନା, ଶମ୍ଭୁନାଥ ଦାସ, ଏକାଦଶୀ ମାଝୀ, ନଗେନ୍ଦ୍ର ଗିରି, ସାର୍ଥକ ବାରିକ, ମାୟାଧର କୁହ୍ଲାରୀ, ଧନଞ୍ଜୟ ଜେନା, ଭୂପତି ବିଶ୍ୱାଳ, ପଦ୍ମନାଭ ସାହୁ, ଶେଖ ଅଞ୍ଜନ, ବାପି ଦାସ, ଜୟତ୍ରୀ ବାରିକ, ଜ୍ୟୋସ୍ନା ପଢ଼ିଆରୀ, ସୁଲୋଚନା ଦାସ, ନବନିର୍ମାଣ କୃଷକ ସଙ୍ଗଠନର ନେତା ପ୍ରଫୁଲ୍ଲ ବେହେରା ପ୍ରମୁଖ ସଂକଳ୍ପ ନେଇଥିଲେ। ଶେଷରେ କମଳାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ସମାବେଶରେ ଭିଟାମାଟି ସୁରକ୍ଷା କମିଟିର କର୍ମକର୍ତ୍ତା ଓ ଅନ୍ୟମାନେ।

### ଏପ୍ରିଲ୍ ୬ରେ ତହସିଲ ଟାଳ ଅଭିଯାନ ପାଇଁ ଆହ୍ୱାନ

**ମଶାଧୂପରୁ ଅଗ୍ନିକାଣ୍ଡ, ଜଳିଗଲା ୨ ବଖରା**

ସୋର, (ଡି.ଏନ୍.ଏ.): ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ କାଜିମହଲା ବସ୍ତିରେ ରବିବାର ପୂର୍ବାହ୍ନ ୧୧ଟା ବେଳେ ମଶାଧୂପରୁ ଅଗ୍ନିକାଣ୍ଡ ଘଟିଛି। ଏହି ବସ୍ତିର ସେକ୍ ଅମାନୁଲ୍ଲା(ମୁନା) ଶନିବାର ରାତିରେ ମଶାଧୂପ ଲଗାଇ ଶୋଇଥିଲେ। ସକାଳ ହୋଇଯିବାରୁ ସେ ଧୂପ ଲିଭାଇବାକୁ ଭୁଲିଯାଇ ବାହାରକୁ ଆସିଥିଲେ। ଏହି ଧୂପରୁ ଅଗ୍ନିକାଣ୍ଡ ଘଟି ତାଙ୍କର ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଘରୋଇ ଆସବାବପତ୍ର ପାଉଁଶ ହୋଇଯାଇଛି। ସୋର ଦମକଳ ବାହିନୀ ଅଗ୍ନିକାଣ୍ଡସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ। ସ୍ଥାନ: ଜିଲାପାଳଙ୍କ ଅଫିସ୍ ସମ୍ମୁଖ। ସମୟ: ପୂର୍ବାହ୍ନ ୧୦ଟା।
- ସ୍ରଷ୍ଟା ପକ୍ଷରୁ ଖବରଦାତା ସମ୍ମିଳନୀ। ସ୍ଥାନ: ଗାନ୍ଧୀ ସ୍ମୃତି ଭବନ। ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**

- ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆୟୋଜିତ ଭିଜନ-୨୦୨୪ର ୬ଷ୍ଠ ଦିବସ ଟୁର୍ଣ୍ଣାମେଣ୍ଟ। ସ୍ଥାନ: ବାରିପଦା ଷ୍ଟାଡିୟମ ଓ କଲେଜ ପଡ଼ିଆ। ସମୟ: ସକାଳ ୯ଟା।

## ବିଶ୍ୱ ବନ ଦିବସରେ ଦେବସ୍ମିତା ପୁରସ୍କୃତ

ହାଟଡିହୀ,୨୧।୩(ଡି.ଏନ.ଏ.): ବିଶ୍ୱ ବନ ଦିବସ ଅବସରରେ କେନ୍ଦୁଝର ଜିଲା ଆନନ୍ଦପୁର ୱାଇଲ୍ଡ ଲାଇଫ ଡିଭିଜନ ଅଧୀନ ହାଟଡିହୀ ବ୍ଲକ ହଦଗଡ଼ ବନ ବିଭାଗର ମହିଳା ଫରେଷ୍ଟ ଗାର୍ଡ ଦେବସ୍ମିତା ରାଉତଙ୍କୁ ଷ୍ଟେଟ ଫରେଷ୍ଟ୍ରି ଆୱାର୍ଡ ମିଳିଛି। ଭୁବନେଶ୍ୱର ଠାରେ ଆୟୋଜିତ ବିଶ୍ୱ ବନ ଦିବସରେ ପରିବେଶ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ମାନପତ୍ର ଦିଆଯାଇ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶାସ୍ତ୍ରୀନଗର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଯୋଡା,୨୧।୩(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ାଠାରେ ରବିବାର ସପ୍ତମ ଶାସ୍ତ୍ରୀନଗର ପ୍ରିମିୟର ଲିଗ୍ ବିଜୁ ପଟ୍ଟନାୟକ ଷ୍ଟାଡିମଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଡ଼ାର ପୂର୍ବତନ ନଗରପାଳ ଆର୍.କେ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ କାଉନସିଲର ସ୍ୱର୍ଣ୍ଣଲତା ପଟ୍ଟନାୟକ, ବରିଷ୍ଠ ନାଗରିକ କ୍ଷେତ୍ରମୋହନ ବେହେରା, ଖବରଦାତା ଗଣେଶ ସାହୁ ଏହି ଉଦ୍ଘାଟନରେ ଯୋଗ ଦେଇଥିଲେ। ଏହି ସଭାରେ ଶାସ୍ତ୍ରୀନଗର ୟୁଥ୍ କ୍ଲବର ସଭାପତି ସିଦ୍ଧାନ୍ତ କର ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନ ଦିବସରେ ସୁନ୍ଦରଗଡ ଓ ବଲାଣି ମହିଳା କ୍ରିକେଟ ଦଳ ମଧ୍ୟରେ ଟି୨୦ କ୍ରିକେଟ ମ୍ୟାଚ ପ୍ରଦର୍ଶିତ ହୋଇଥିଲା।

## 'ମୋ କଲେଜ ଅଭିଯାନ'

ଯୋଡ଼ା,୨୧।୩(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ମହିଳା ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ 'ମୋ କଲେଜ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଅପରାହ୍ନରେ ଭିଡିଓ କନ୍‌ଫରେନ୍ସିଂରେ ଉଦ୍‌ଘାଟନ କରିଥିଲେ। ଏହା ସହିତ ମୋ କଲେଜ ୱେବ ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରିଥିଲେ। ଏଥିରେ ଯୋଡା ସହରର ଡା. ଅନିଲ ଦାସ, ଡା. ଜଗଦୀଶ ସାହୁ, ଡା. ସୁବୋଧ ତ୍ରିପାଠୀ, ପୌରପାଳିକା ଡା. ପି.କେ. ନାୟକ, ଆଇନଜୀବୀ ସୂର୍ଯ୍ୟକାନ୍ତ ତ୍ରିପାଠୀ, କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ କଲେଜର ପୁରାତନ ଛାତ୍ରୀ ଓ ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ।

କୁଆମରା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟ ଓ ପୁରୁଣା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଏହି ଅଭିଯାନ ଉଦ୍‌ଘାଟନ କରାଯାଇଛି। କୁଆମରା କଲେଜରେ ଅଧ୍ୟକ୍ଷ ସୁବଳ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ପୂର୍ବତନ ସଭାପତି ସୁଦେଷ୍ଣା ମହାପାତ୍ର, ବରିଷ୍ଠ ଅଧ୍ୟାପକ ପ୍ରଭାତ ସେନାପତି ଓ କୋର୍ଡିନେଟର ଛତିଶ କୁମାର ଦାସ ଯୋଗ ଦେଇଥିଲେ।

## କାର୍ଯ୍ୟକ୍ଷମ ହେଲା ରକ୍ତ ସଂରକ୍ଷଣ ଭଣ୍ଡାର

ସୋର, ୨୧।୩(ଡି.ଏନ.ଏ.): ଦୀର୍ଘଦିନର ଦାବି ପରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ସଂରକ୍ଷଣ ଭଣ୍ଡାର କାର୍ଯ୍ୟକ୍ଷମ ହୋଇଛି। ୨୦୦୭ରେ ଏକ ରକ୍ତ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ହୋଇଥିଲା। ୨୦୧୬ରୁ ଏହି ଭଣ୍ଡାର ଅଚଳ ହୋଇପଡିଥିଲା। ସୋରରେ ଜରୁରୀ ସମୟରେ ବାଲେଶ୍ୱର କିମ୍ବା ନୀଳଗିରି ବ୍ଲଡ୍ ବ୍ୟାଙ୍କରୁ ରକ୍ତ ଅଣାଯାଉଥିଲା। ଦୀର୍ଘ ୪ ବର୍ଷ ପରେ ବିଧାୟକ ପର୍ଶୁରାମ ଧଡା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ହସ୍ତକ୍ଷେପ ପରେ ରୋଗୀ କଲ୍ୟାଣ ସମିତି ସହଯୋଗ ଓ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ. ସତ୍ୟନାରାୟଣ ନାୟକଙ୍କ ଉଦ୍ୟମରେ ସ୍ୱାସ୍ଥ୍ୟ ବିଭାଗର ନବୀକରଣ ଆଦେଶ ମିଳିବାରୁ ଏହି ଅତ୍ୟାବଶ୍ୟକ ଜରୁରୀ ସେବା ୟୁନିଟ୍ କାର୍ଯ୍ୟକ୍ଷମ ହୋଇଛି।

# କଟକଣାରେ ଚନ୍ଦନେଶ୍ୱରଜୀଉଙ୍କ ଚଡ଼କମେଳା

ଭୋଗରାଇ, ୨୧।୩(ଡି.ଏନ.ଏ.)



ପ୍ରସ୍ତୁତି ବୈଠକରେ ବିଧାୟକ ଅନନ୍ତ ଦାସ, ଟ୍ରଷ୍ଟବୋର୍ଡର ସଦସ୍ୟ, ସେବାୟତ, ପୂଜକ ଓ ଅନ୍ୟମାନେ।

- ଶ୍ରଦ୍ଧାଳୁଙ୍କୁ ମନ୍ଦିର ମନା, କେବଳ ନୀତିକାନ୍ତି ପୂଜା
- ସେବାୟତଙ୍କ କୋଭିଡ୍ ଟେଷ୍ଟ ବାଧ୍ୟତାମୂଳକ

ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଏପ୍ରିଲ ୨ତାରିଖରୁ ହେବାକୁ ଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଶ୍ରୀ ଚନ୍ଦନେଶ୍ୱରଜୀଉଙ୍କ ଚୈତ୍ର ଚଡ଼କମେଳା ଉପରେ ରୋକ୍ ଲଗାଯାଇଛି। ଓଡ଼ିଶା ସୀମାନ୍ତରେ ହୁଗୁଳି ଗ୍ରାମରେ ପୂଜା ପାଉଥିବା ଚନ୍ଦନେଶ୍ୱର ମହାଦେବଙ୍କଠାରେ ପ୍ରତିବର୍ଷ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡରୁ ଲକ୍ଷାଧିକ ଶୈବଭକ୍ତ ସମବେତ ହେଉଥିବାରୁ ଏହି ପ୍ରତିବନ୍ଧକ ଲଗାଯାଇଛି। କେବଳ ଜୀଉଙ୍କ କୌଳିକ ପ୍ରଥା ଅନୁଯାୟୀ ନୀତିକାନ୍ତି ପୂଜା ହେବ। ସୀମିତ ଓ ଚିହ୍ନଟ ହୋଇଥିବା ସେବାୟତ, ବାଦ୍ୟକାର, ପୂଜକ ଓ ଭକ୍ତମାନଙ୍କୁ କୋଭିଡ୍ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ବାବା ଚନ୍ଦନେଶ୍ୱର ମହାଦେବଙ୍କଠାରେ ପାଟଭକ୍ତ ଓ ଶ୍ରୀବେକିଡି ସହ ୧୪ଜଣ ଉପବୀତଧାରୀ ଭକ୍ତ ବ୍ରତପାଳନ କରି ଜୀଉଙ୍କଠାରେ ଅର୍ଘ୍ୟ ପ୍ରଦାନ କରିବେ। ୧୩ ଦିନ ଧରି ଏହି ପାରମ୍ପରିକ ଉତ୍ସବ ହେବାକୁ ଥିବା ବେଳେ ମନ୍ଦିର ପରିସର ମଧ୍ୟକୁ ଶୈବଭକ୍ତଙ୍କୁ ଯିବା ପାଇଁ ବାରଣ କରାଯାଇଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗରୁ ଆସୁଥିବା ଶୈବଭକ୍ତଙ୍କ ନିମନ୍ତେ ବିଭିନ୍ନ ସ୍ଥାନରେ ବ୍ୟାନର ଲଗାଯାଇ ମନ୍ଦିରକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ବାର୍ତ୍ତା ଦିଆଯିବ। ଏଥିସହିତ କୋଭିଡ୍ କଟକଣାକୁ ବଳବତ୍ତର କରାଯାଇ ମନ୍ଦିର ପରିସର ମୁଖ୍ୟ ଫାଟକକୁ ବନ୍ଦ କରିଦିଆଯିବ ବୋଲି ରବିବାର ଚନ୍ଦନେଶ୍ୱର ଯାତ୍ରୀନିବାସଠାରେ ଟ୍ରଷ୍ଟ ବୋର୍ଡ଼, ସେବାୟତ, ପୂଜକ, ଭକ୍ତ ଓ ଜନପ୍ରତିନିଧିଙ୍କୁ ନେଇ ଏକ ଜରୁରୀ ବୈଠକ କରାଯାଇ ନିଷ୍ପତ୍ତି ନିଆଯାଇଛି। ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ସହକାରୀ ଚିକିତ୍ସାଧିକାରୀ ଶଶାଙ୍କ ଶେଖର ଚୌଧୁରୀ, ତହସିଲଦାର କମଳାକାନ୍ତ ପଣ୍ଡା, ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ବିଡିଓ ସତ୍ୟଜିତ୍ ରାଉତ, ଟ୍ରଷ୍ଟବୋର୍ଡ଼ର ମୌରସୀ ତଥା ସରପଞ୍ଚ ତପନ କୁମାର ପଣ୍ଡା, ସେବାୟତ ବୁଦ୍ଧଦେବ ପଣ୍ଡା, ଜୀଉଙ୍କ ଶ୍ରେଷ୍ଠ ଭକ୍ତ ହରିଶଚନ୍ଦ୍ର ସାହୁଙ୍କ ସମେତ ବହୁ ଜନପ୍ରତିନିଧି, ଚିକିତ୍ସା ଅଧିକାରୀ, ବିଦ୍ୟୁତ୍, ପୋଲିସ, ଗ୍ରାମ୍ୟ ପାଇପ ଜଳଯୋଗାଣ କେନ୍ଦ୍ର ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

## ଡମ୍ପର ଧକ୍କାରେ ବୃଦ୍ଧ ମୃତ

ବାଲେଶ୍ୱର ଅଫିସ, ୨୧।୩

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ନୂଆନଇ ପୋଲ ନିକଟରେ ରବିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଡମ୍ପର ଧକ୍କାରେ ବୃଦ୍ଧଙ୍କର ମୃତ୍ୟୁ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଲୋକେ ରାସ୍ତାରୋକୋ କରିଥିଲେ। ଅତିରିକ୍ତ ତହସିଲଦାର ପହଞ୍ଚି ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା।

ସୁନହଟ ଅଞ୍ଚଳର ମହେନ୍ଦ୍ର ଦାସ ରବିବାର କୌଣସି କାମରେ ଚାନ୍ଦିପୁର ଯାଇଥିଲେ। କାମ ସରିବା ପରେ ସେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଚାନ୍ଦିପୁର ଆଡୁ ସହର ଅଭିମୁଖେ ଆସୁଥିବା ଏକ ଡମ୍ପର (ନଂ. ଓଆର୍‌୦୧ଜେ-୬୯୬୪) ନୂଆନଇ ପୋଲ ନିକଟରେ ସାଇକେଲକୁ ପଛଆଡୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ମହେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ ସ୍ଥାନୟୀ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତଦେହକୁ ରାସ୍ତାରେ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ଚାନ୍ଦିପୁର ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପୋଲିସ ଏକ ମାମଲା (ନଂ. ୧୭/୨୧) ରୁଜୁ ସହ ଡମ୍ପରକୁ ଜବତ କରି ତଦନ୍ତ ଜାରି ରଖିଥିବା ଚାନ୍ଦିପୁର ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

## 'ସାଧନା ଅଭାବରୁ ଉତ୍ତମ ସାହିତ୍ୟ ସୃଷ୍ଟି ହୋଇପାରୁନି'

ବାସୁଦେବପୁର,୨୧।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ମିରାକଲ ପବ୍ଲିକ ସ୍କୁଲ ପରିସରରେ ରବିବାର ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ରାଜ୍ୟସ୍ତରୀୟ ୧୦ମ ବାର୍ଷିକ ସମ୍ବର୍ଦ୍ଧନା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାଧନା ଅଭାବରୁ ଉତ୍ତମ ସାହିତ୍ୟ ସୃଷ୍ଟି ହୋଇପାରୁ ନ ଥିବା ସେ କହିଥିଲେ। ମୁଖ୍ୟବକ୍ତା ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ସଂଗ୍ରାମ ଆଚାର୍ଯ୍ୟ ଓ ଭାରପ୍ରାପ୍ତ ବିଇଓ ଧରଣୀଧର ପାତ୍ର ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ ସଭାପତିତ୍ୱ କରିଥିବା ବେଳେ ରଙ୍ଗରାଗର ସମ୍ପାଦକ ପ୍ରଦୀପ୍ତ ମହାନ୍ତି ସ୍ୱାଗତ ବକ୍ତବ୍ୟ ରଖିଥିଲେ। କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, କବି କିଶୋର ପାଣିଗ୍ରାହୀ, କବିତା ବାରିକ, ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି, ଦିଲୀପ ରଥ, ଚକ୍ରଧର ବେହେରା, କଳ୍ପନା ଜେନା, ପୂର୍ବତନ ଶିକ୍ଷୟିତ୍ରୀ ଗୀତାରାଣୀ ଆଇଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ପ୍ରଦୀପ୍ତ ମହାନ୍ତିଙ୍କ 'ରକ୍ତତୀର୍ଥ ଇରମ ଓ ସ୍ୱାଧୀନତା ସଂଗ୍ରାମର ସ୍ୱର' ଓ ଡ. ମନୀନ୍ଦ୍ର ମହାନ୍ତିଙ୍କ ଲିଖିତ ପୁସ୍ତକ ବାସୁଦେବପୁର ପ୍ରସଙ୍ଗ ୭ ଉନ୍ମୋଚିତ ହୋଇଥିଲା।

## ମୋ କଲେଜ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ

ଖଇରା, ୨୧।୩(ଡି.ଏନ.ଏ.)

ମୋ ସ୍କୁଲ ଅଭିଯାନର ସଫଳତା ପରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖଇରା କଲେଜରେ ପୁରାତନ ଛାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ, ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରସାରିତ ହୋଇଥିବା କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ପରେ କଲେଜ ଅଧ୍ୟକ୍ଷ ପ୍ରମୋଦ ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପୁରାତନ ଛାତ୍ରୀଛାତ୍ର ହୁଅନ୍ତୁ କି ଅବସରପ୍ରାପ୍ତ ଅଧ୍ୟକ୍ଷ, ଅଧ୍ୟାପକମାନେ ସେମାନେ ଛାଡି ଯାଇଥିବା କଲେଜରେ ଅଧ୍ୟାପନା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି, ବସନ୍ତ କୁମାର ଖିଲାର, ଉମେଶ ଚନ୍ଦ୍ର ନାୟକଙ୍କ ସମେତ ବହୁ ବୁଦ୍ଧିଜୀବୀ, ପୁରାତନ ଛାତ୍ର, କର୍ମଚାରୀ ଯୋଗ ଦେଇ ଅଭିଯାନର ସଫଳ ରୂପାୟନ ଉପରେ ମତାମତ ଦେଇଥିଲେ। ଅଧ୍ୟାପକ ଯୁଗଳ କିଶୋର ଗାହାଣ, ଗୋପବନ୍ଧୁ ମହାପାତ୍ର, ଜ୍ୟୋସ୍ନାରାଣୀ ପଣ୍ଡା, ଦେବବ୍ରତୀ ଦାଶ, ଲକ୍ଷ୍ମଣ ଶତପଥୀ, ପ୍ରଦୀପ କୁମାର ପାଣି, କର୍ମଚାରୀ ଗୌରାଙ୍ଗ ପାଣି, ବିମନ କୁମାର ବାରିକ, କିଶୋର ପାଢୀ ପ୍ରମୁଖ ସହଯୋଗ କରିଥିଲେ।




ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହ ସଭାରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ପୁରାତନ ଛାତ୍ରୀଛାତ୍ର।

## ଭାରସାମ୍ୟ ହରାଇ ଓଲଟିଲା ବସ୍

ପାଟଣା,୨୧।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପଟଣା ବ୍ଲକ ସରାପଶି ଚେମେଣା ରାସ୍ତାର ସରାପଶି କଲଭର୍ଟ ନିକଟରେ ରବିବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଛି। ବସ୍‌ରେ କେହି ଯାତ୍ରୀ ନଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ବସ୍‌ର ଚାଳକ ନ ଥିବା ବେଳେ ହେଲପର ନିଜେ ବସ୍ ନେଇ ନିଜଗାଁ ଚେମେଣାକୁ ଧରି ଯିବାବେଳେ ଓଲଟି ପଡିଥିଲା। ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ହେଲପର ଫେରାର ହୋଇଯାଇଥିବା ତୁରୁମୁଙ୍ଗା ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି କହିଛନ୍ତି। ତେବେ ବସ୍‌ରେ କେହି ଯାତ୍ରୀ ନଥିବାରୁ ଏକ ବଡ ଦୁର୍ଘଟଣା ଟଳି ଯାଇଛି।

## ଚୋରାରେ ମଦ ବିକ୍ରି, ଦୋକାନୀ ଗିରଫ

ବୈଶିଙ୍ଗା,୨୧।୩ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କିଛିଦିନ ଧରି ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ ଚାଲିଛି। ଏହି କ୍ରମରେ ରବିବାର ପାଟଳୀପୁରା ପଞ୍ଚାୟତ ବଡ଼ କ୍ଷିରିପଦା ଗ୍ରାମରେ ଏକ ଗ୍ରସରୀ ଦୋକାନରେ ଚୋରାରେ ମଦ ବିକ୍ରି ହେଉଥିବା ଖବର ପାଇ ଚଢ଼ାଉ କରାଯାଇଥିଲା। ବହୁ ପରିମାଣର ଚୋରା ନିଶା ଦ୍ରବ୍ୟ ଜବତ ସହ ଦୋକାନୀ ଭୀମ ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ବୈଶିଙ୍ଗା ଥାନାରେ ମାମଲା (ନଂ. ୮୬/୨୧) ରୁଜୁ ହୋଇଛି।

## ମନ ମୋହିଲା ଗୋଟିପୁଅ ନୃତ୍ୟ

ପଦ୍ମପୁର/ ବାସୁଦେବପୁର, ୨୧।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର କପିଳମୁନି ପଡ଼ିଆରେ ଚାଲିଥିବା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଖବରଦାତା ରମାକାନ୍ତ ଡାଙ୍ଗୁଆ, ନୃତ୍ୟଗୁରୁ ବିଜୟ ଦାସ ଓ ଗୁରୁ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଆରାଧନା କଳା ଏକାଡେମୀର ନୃତ୍ୟଶିଳ୍ପୀମାନଙ୍କ ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ଶିଳ୍ପିକା ନୃତ୍ୟ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ସତ୍ୟବ୍ରତ ସାହୁ ଓ ସାଗରିକା ସାହୁ ବିଭିନ୍ନ ନୃତ୍ୟ, ଦିବ୍ୟାଙ୍ଗ କଳାକର ହରିହର ଦେଓ ଏବଂ ଚିନୁ ରାଓ ଅର୍କେଷ୍ଟ୍ରା ପରିବେଷଣ କରିଥିଲେ।



କଳାକାରଙ୍କ ନୃତ୍ୟ ପରିବେଷଣ।

## ସମାଜ ପାଇଁ ପରିବେଶ ସୁରକ୍ଷା ଜରୁରୀ

କେନ୍ଦୁଝର, ୨୧।୩(ଡି.ଏନ୍.ଏ.)

ଜଙ୍ଗଲର ମୂଲ୍ୟ, ଉପଯୋଗିତା ଓ ଅବଦାନ ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା ପାଇଁ ୨୦୧୨ ମସିହା ନଭେମ୍ବର ୨୮ ତାରିଖରେ ମିଳିତ ଜାତିସଂଘ ସାଧାରଣ ପରିଷଦର ନିଷ୍ପତ୍ତିକ୍ରମେ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ବିଶ୍ୱ ବନ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟ ପରିସରସ୍ଥ କନଫରେନ୍ସ ହଲରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷର ସନ୍ଦେଶ ଜଙ୍ଗଲର ପୁନରୁଦ୍ଧାର-ସମାଜ ମଙ୍ଗଳର ବାର୍ତ୍ତା ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ଡିଏଫ୍‌ଓ ସ୍ୱୟଂମ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣିଷ ସମାଜକୁ ରକ୍ଷା କରିବାକୁ ହେଲେ ପରିବେଶର ସୁରକ୍ଷା ଜରୁରୀ। ଦିନକୁ ଦିନ କଂକ୍ରିଟ ଜଙ୍ଗଲ ବଢୁଥିବାବେଳେ ଲୋକମାନଙ୍କ ସଚେତନତା ଅଭାବରୁ ଜଙ୍ଗଲ ଧ୍ୱଂସ ହେବାକୁ ଲାଗିଛି। ଜଙ୍ଗଲ ଜୀବଜନ୍ତୁ ଏବେ ଗାଁ ମୁହାଁ। ଏପରି ସ୍ଥିତିରେ ଜଙ୍ଗଲ ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଡିଏଫଓ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ଅଜୟ କୁମାର ସାହୁ, ଘନଶ୍ୟାମ ମହାନ୍ତ, କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ଏସିଏଫ୍ ସୁରେଶ ଚନ୍ଦ୍ର ସେଠୀ, ସଦର ରେଞ୍ଜର ଅରବିନ୍ଦ ନାୟକ, ଡେପୁଟି ରେଞ୍ଜର ପିତାମ୍ବର ନାୟକଙ୍କ ସମେତ ବନ ସୁରକ୍ଷା ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଡକାୟତି ଯୋଜନା ପଣ୍ଡ: ୪ ଗିରଫ, ବନ୍ଧୁକ ଜବତ

ବାରିପଦା ଅଫିସ,୨୧।୩

ବାରିପଦା ବସ୍‌ଷ୍ଟାଣ୍ଡ ନିକଟ ଏକ ହୋଟେଲରେ ରବିବାର ଅପରାହ୍ନରେ ଟାଉନ ପୋଲିସ ଚଢ଼ାଉ କରି ବନ୍ଧୁକ ଜବତ ସହ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱର ସ୍ଥିତ ଅର୍ଥଗଡ ଅଞ୍ଚଳର ଶୁଭଦୀପ ଶତପଥୀ, କଟକ ନିଆଳି ଥାନା ଅଧୀନ ତିହୁଡ଼ିର ପ୍ରଦୀପ୍ତ ସାହୁ, ଗଞ୍ଜାମ ଜିଲା ବ୍ରହ୍ମପୁର ସଦର ଥାନା ଅଧୀନ ସାତପାହୁଣିଆର କେ. ଯୁଧିଷ୍ଠିର ରେଡ୍ଡି ଓ ଖୋର୍ଦ୍ଧା ଜିଲା ନୟାପଲ୍ଲୀ ଥାନା ଅଞ୍ଚଳର ତପନ ରଞ୍ଜନ ସାହୁ। ସେମାନେ ଡକାୟତି ଓ ଛିନ୍ତାଇ ପାଇଁ ଯୋଜନା କରୁଥିବା ଖବର ପାଇ ପୋଲିସ ଉକ୍ତ ହୋଟେଲରେ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୫୨/୨୧) ରୁଜୁ କରାଯାଇଛି।

## ଜଙ୍ଗଲରେ ନିଆଁ ଲଗାଇ ଗିରଫ

ବାଙ୍ଗିରିପୋଷି, ୨୧।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ବାଙ୍ଗିରିପୋଷି ଅନ୍ତର୍ଗତ ଯୋକା ବିଟ୍‌ର ଦିଗାରିଶୋଳ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଘଟଣାରେ ରବିବାର ବନବିଭାଗ ଜଣକୁ ଗିରଫ କରିଛି। ସେ ହେଲେ ବାଲିଆଯୋକା ଗ୍ରାମର ସୁନାରମ ମୁଣ୍ଡା। ବାଙ୍ଗିରିପୋଷି ବନ ଅଧିକାରୀ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ବନ କର୍ମଚାରୀ ମାନେ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ବନବିଭାଗ ଏକ ମାମଲା (ନଂ.୧୨୮/୨୧) ରୁଜୁ କରି ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ବନ ଅଧିକାରୀ ପ୍ରକାଶ କରିଛନ୍ତି। ଗିରଫ ହୋଇଥିବା ସୁନାରାମ ମହୁଲ ପାଇଁ ଜଙ୍ଗଲରେ ନିଆଁ ଲଗାଇଥିବା ସ୍ୱୀକାର କରିଛନ୍ତି। ତାଙ୍କଠାରୁ ଏକ ଦିଆସିଲି ପ୍ୟାକେଟ ମଧ୍ୟ ଜବତ ହୋଇଛି।

## କୃଷକଙ୍କର ଦକ୍ଷତା ବୃଦ୍ଧି ଲାଗି ଗୁରୁତ୍ୱ

ଯୋଡ଼ା,୨୧।୩(ଡି.ଏନ୍.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକର ବିଲେଇପଦାସ୍ଥିତ ଟାଟାଷ୍ଟିଲ ଲଙ୍ଗ ପ୍ରଡକ୍ସନ ଲିମିଟେଡର ଟ୍ରେନିଂ ହଲଠାରେ ରବିବାର କୃଷି ବିଭାଗ ପକ୍ଷରୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା କୃଷି ଅଧିକାରୀ ଶରତ ଚନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ ଯୋଡ଼ା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଉପସଭାପତି ଦଶରଥ ବାରିକ ପ୍ରମୁଖ ଯୋଗ ଦେଇଥିଲେ। କୃଷକଙ୍କ ଦକ୍ଷତା ବୃଦ୍ଧି ନେଇ ଗୁରୁତ୍ୱ ଦିଆଯାଇଥିଲା। କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ରର କୃଷି ବିଜ୍ଞାନୀ ଦୀପକ ହେମ୍ବ୍ରମ, ଯୋଡ଼ା ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ଅଖିଳ ଚନ୍ଦ୍ର ନାଏକ, ଚମ୍ପୁଆ ବ୍ଲକ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର, ଯୋଡ଼ା ପଶୁ ସମ୍ପଦ ଅଧିକାରୀ ମାଧବ ଚୌଧୁରୀ ପ୍ରମୁଖ ଯୋଗଦେଇ କୃଷକଙ୍କର ପୋଷଣୀୟ ଚାଷ କାର୍ଯ୍ୟ ନେଇ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଯୋଡା ବ୍ଲକରୁ ପ୍ରାୟ ୧୬୦ ଜଣ ଚାଷୀ ପ୍ରଶିକ୍ଷଣ ନେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

## ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ

ଖଇରା, ୨୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ତେନ୍ତୁଳିଆପଡା ଗ୍ରାମରେ ଗଛକଟା ବିବାଦକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ପରେ ମୃତ୍ୟୁବରଣ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଗ୍ରାମବାସୀ ସୋର-କୁପାରୀ ରାସ୍ତାର ତୁଡିଗଡିଆ ବଜାରରେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଏହାକୁ ତୁଡିଗଡିଆର ବ୍ୟବସାୟୀମାନେ ମଧ୍ୟ ସମର୍ଥନ ଜଣାଇଛନ୍ତି । ଖଇରା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ସୁଫଳ ମିଳିପାରିନାହିଁ। ଅଭିଯୁକ୍ତମାନେ ଗିରଫ ନ ହେବା ପର୍ଯ୍ୟନ୍ତ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ଅଛନ୍ତି।

ପରିବାର ଲୋକଙ୍କ କହିବା ଅନୁଯାୟୀ,



ତୁଡିଗଡିଆ ବଜାରରେ ତେନ୍ତୁଳିଆପଡା ଗ୍ରାମବାସୀଙ୍କ ରାସ୍ତା ଅବରୋଧ।

**ସନ୍ଦେହଘେରରେ ଯୁବକଙ୍କ ମୃତ୍ୟୁ**

ଶନିବାର ଏକ ଗଛ ଡାଳ ହାଣିବାକୁ ନେଇ ଜଣେ ମଦ ବ୍ୟବସାୟୀଙ୍କ ସମେତ କେତେଜଣ ଯୁବକଙ୍କ ସହ ଭାଗୀରଥି ଦାସଙ୍କର ଗଣ୍ଡଗୋଳ ହୋଇଥିଲା। ସେହି ରାତିରେ ଗଣ୍ଡଗୋଳ ଘଟାଇଥିବା ୧୦ରୁ ଊର୍ଦ୍ଧ୍ୱ ଯୁବକ ଆସି ଭାଗିରଥୀଙ୍କ ସ୍ତ୍ରୀ, ଝିଅପୁଅଙ୍କୁ ଏକ ଘରେ ବନ୍ଦ କରିଦେଇଥିଲେ। ପରେ ଭାଗିରଥୀଙ୍କୁ ଅନ୍ୟ ଏକ କୋଠରିରେ ପୂରାଇ ନିର୍ଘୃମ ମାଡ ମାରିଥିଲେ। କିଛି ଘଣ୍ଟା ପରେ ପରିବାର ଲୋକେ ଶୋଇବା ଘର ଖୋଲି ଭାଗିରଥୀଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ତାଙ୍କୁ ମାରିଦେଇ ଫ୍ୟାନରେ ଟାଙ୍ଗିଦିଆଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମାଡ ପରେ ଲଜ୍ଜା ଅନୁଭବ କରି ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ନେଇ କେତେଜଣ ଗ୍ରାମବାସୀ ମଧ୍ୟ କହିଛନ୍ତି । ସ୍ତ୍ରୀ ଭାରତୀ ଦାସଙ୍କ ଅଭିଯୋଗ ପରେ ଖଇରା ପୋଲିସ କେବଳ ଏକ ଅପମୃତ୍ୟୁ ମାମଲା(ନଂ. ୧୦/୨୧) ରୁଜୁ କରିଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଖଇରା ଥାନା ଆଇଆଇସି ସୁବ୍ରତ ବେହେରା କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

